## ସଂକ୍ଷେପରେ

### ଜୟ ଜଗନ୍ନାଥ ବଣିକ ସଂଘର ନୂତନ କର୍ମକର୍ତ୍ତା ଚୟନ

ଫିରିଙ୍ଗିଆ, ୩୧।୧୦(ବିକ୍ରମ ଦିଗାଲ)

ଫିରିଙ୍ଗିଆ ସହରରେ ଥିବା ଜୟ ଜଗନ୍ନାଥ ବଣିକ ସଙ୍ଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ପୂର୍ବତନ ସଭାପତି ରାଜକିଶୋର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପୁର୍ବତନ ସମ୍ପାଦକ ବାଳକୃଷ୍ଣ ଜୁଣ୍ଡିଙ୍କ ସମେତ ଫିରିଙ୍ଗିଆର ସମସ୍ତ ବ୍ୟାବସାୟୀ ଉପସ୍ଥିତ ଥିଲେ। ଏଥିରେ ବଣିକ ସଂଘର ବିଭିନ୍ନ ବିଷୟ ଆଲୋଚନା କରାଯାଇଥିଲା। ଏବଂ ମାସର ଶେଷ ରବିବାର ସମସ୍ତ ଦୋକାନବଜାର ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହାକୁ ଖିଲାପ କଲେ ଆର୍ଥିକ ଦଣ୍ଡର ବ୍ୟବସ୍ଥା କରାଯାଇଥିଲା। ପରେ ସମସ୍ତ କର୍ମକର୍ତ୍ତାଙ୍କ ନିଷ୍ପତ୍ତି କ୍ରମେ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ଶିବଶଙ୍କର ମହାପାତ୍ର, ଉପ ସଭାପତି ବେଣୁଧର ମୁଖୀ, ସମ୍ପାଦକ ବିଭୁଦତ୍ତ ମୁଖୀ, ସହ ସମ୍ପାଦକ ବିଜୟ କୁମାର ସାହୁ, କୋଷାଧ୍ୟକ୍ଷ ଅନନ୍ତ କୁମାର ଜାଲ, ଉପଦେଷ୍ଟା ଭାବେ ରାଜକିଶୋର ସାହୁ , ସୀମାଞ୍ଚଳ ପଣ୍ଡା, ବାଲ୍ମୀକି ଆଚାର୍ଯ୍ୟଙ୍କୁ ମନୋନୀତ କରାଯାଇଥିଲା

### ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳିତ

ଛତ୍ରପୁର, ୩୧।୧୦ (ଦିଲୀପ ସାମଲ):

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ମଙ୍ଗଳବାର ଛତ୍ରପୁର କଂଗ୍ରେସ କମିଟି ପକ୍ଷରୁ ପାଳନ କରାଯାଇଛି । ସ୍ଥାନୀୟ ଉପର ବସଷ୍ଟାଣ୍ଡଠାରେ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଫଟୋଚିତ୍ରରେ ରାଜ୍ୟ ଅନୁସୂଚିତ ଜାତି ସେଲ ସଂଯୋଜକ ଭାଗିରଥି ବେହେରା, ବରିଷ୍ଠ କଂଗ୍ରେସ ନେତା ଅଶୋକ ପଟ୍ଟନାୟକ, ଯୁବ ନେତା ଶିବ ପ୍ରସାଦ ବେହେରା (ବଳିଆ), ବ୍ରହ୍ମପୁର ଲୋକସଭା ଯୁବ କଂଗ୍ରେସ ମିଡ଼ିଆ ସଂଯୋଜକ ମହେଶ କୁମାର ଗୌଡ଼, ଛାତ୍ର କଂଗେସ ସଭାପତି ଚକ୍ରପାଣି ପଲାଇ, ଆଇନଜୀବୀ ବାବୁ ନାହାକ, ମୋହନ ବେହେରା, ଭବାନୀ ବେହେରା ଓ କୁନି ନାୟକଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ପୁଷ୍ପମାଲ୍ୟାର୍ପଣ କରି ସ୍ମୃତି ଚାରଣ କରିଥିଲେ ।

### ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଶପଥ ପାଠ

ଛତ୍ରପୁର, ୩୧।୧୦ (ଦିଲୀପ ସାମଲ/ସନ୍ତୋଷ ପାଢ଼ୀ): ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷାକୁ ବଜାୟ ରଖିବା ନିମନ୍ତେ ମଙ୍ଗଳବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ଶପଥ ଗ୍ରହଣ କରିଥିଲେ। ଅତିରିକ୍ତ ଜିଲାପାଳ ଲିନା କୁମାରୀ ଖେସ ସମସ୍ତ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ଦେବବ୍ରତ ସାହୁ, ସଂସ୍ଥାପନା ଅଧିକାରୀ, ଡେପୁଟି କଲେକ୍ଟର (ଜିଆଣ୍ଡଏମ୍), ଡେପୁଟି କଲେକ୍ଟର (ଜରୁରୀକାଳୀନ), ଡେପୁଟି କଲେକ୍ଟର (ରାଜସ୍ୱ) ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କୌଳିକ ବୃତ୍ତି ସହ ଜୀବିକା ହରାଉଛନ୍ତି କୁମ୍ଭାର ପରିବାର

ଛତ୍ରପୁର,୩୧।୧୦(ସନ୍ତୋଷ ପାଢ଼ୀ):

ଦିନକୁ ଦିନ କୁମ୍ଭାର ପରିବାର ନିଜର କୌଳିକ ବୃତ୍ତି ସହ ଜୀବିକା ହରାଉଥିବା ଦେଖିବାକୁ ମିଳୁଛି। ଗଞ୍ଜାମ ଜିଲା ଛତ୍ରପୁର ବ୍ଲକର ଗଙ୍ଗାପୁର ଗ୍ରାମରେ ୨୦୦ରୁ ଊର୍ଦ୍ଧ୍ୱ ପରିବାରର କୌଳିକ ବୃତ୍ତି ମାଟି ପାତ୍ର ତିଆରି କରିବା। ଏହା ବିକ୍ରି କରି ପରିବାର ଚଳାନ୍ତି। କାଳକ୍ରମେ ପ୍ରାୟ ପରିବାର ଧିରେଧିରେ କୌଳିକ ବୃତ୍ତିରୁ ଦୂରେଇ ଯାଇ ବାହାର ରାଜ୍ୟକୁ ଦାଦାନ ପାଇଁ ଯାଉଛନ୍ତି। ଏବେ କେବଳ ପ୍ରାୟ ୪୦ ପରିବାର ଏହି ବୃତ୍ତି କରି ନିଜ ପରିବାର ପ୍ରତିପୋଷଣ କରୁଛନ୍ତି। କିନ୍ତୁ ନିଜ ପିଲାମାନଙ୍କର ଭବିଷ୍ୟତକୁ ନେଇ ସେମାନେ ଚିନ୍ତାରେ ଅଛନ୍ତି। ଏଥିମଧ୍ୟରେ ୧୯୯୧ରେ କୁମ୍ଭାରମାନଙ୍କ ସାମଗ୍ରୀ ତିଆରି ପାଇଁ



ଜୀବିକା ହରାଇଥିବା କୁମ୍ଭାର ପରିବାର।

ଏକ କୁମ୍ଭାରଶାଳ ବା ମାଟି ହାଣ୍ଡି ତିଆରି ଶାଳ ହୋଇଥିଲା । ପରେ ୧୯୯୯ ମହାବାତ୍ୟା, ପରେ ଫାଇଲିନ, ହୁଡ୍‌ହୁଡ୍ ଭଳି ବାତ୍ୟାରେ କୁମ୍ଭାରଶାଳ ଭାଙ୍ଗିଯାଇଛି । ଏଣୁ କୁମ୍ଭାରମାନଙ୍କୁ ସାମଗ୍ରୀ ତିଆରି କରିବା ଓ ସେଗୁଡ଼ିକ ରକ୍ଷଣାବେକ୍ଷଣ କରିବା ପାଇଁ ସ୍ଥାନ ନଥିବାରୁ ବହୁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି। ଯଦି ସରକାର ଉତ୍ସାହିତ କରି ଏମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରନ୍ତି ତେବେ ଏହି କୌଳିକ ବୃତ୍ତିରୁ ମୁହଁ ଫେରାଇଥିବା ପରିବାର ପୁଣି ଏହି ବୃତ୍ତିକୁ ଆପଣାଇବେ ଏବଂ ଏହି କୌଳିକ ବୃତ୍ତି ଜୀବିତ ରହିବ ବୋଲି କୁମ୍ଭାର ପରିବାରମାନେ କହିଛନ୍ତି। ସୂଚାନାଯୋଗ୍ୟ, ଯେକୌଣସି ଶୁଭ କାର୍ଯ୍ୟ ବିବାହ, ବ୍ରତ, ପ୍ରତିଷ୍ଠା, ହୋମ ଯଜ୍ଞ ଆଦିରେ ମାଟିରେ ନିର୍ମିତ ଦୀପ, ସରା ଓ କଳସ ବ୍ୟବହୃତ ହୋଇଥାଏ। ପୂର୍ବରୁ ଘରେ ଘରେ ମାଟି ନିର୍ମିତ ଗ୍ଲାସ, ମାଠିଆ, ରୋଷେଇ ପାଇଁ ବିଭିନ୍ନ ପ୍ରକାରର ମାଟି ପାତ୍ର ଆଦି ବହୁଳ ମାତ୍ରରେ ବ୍ୟବହାର କରୁଥିଲେ। ଏବେ ବି ଗ୍ରାମାଞ୍ଚଳରେ କିଛି କିଛି ଘରେ କାଁ ଭାଁ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ମାଟି ହାଣ୍ଡି ରୋଷେଇର ଅନେକ ମହତ୍ତ୍ୱ ରହିଛି। ମାଟି ହାଣ୍ଡିରେ ପ୍ରସ୍ତୁତ ରୋଷେଇ ସୁସ୍ୱାଦିଷ୍ଟ ବୋଲି ସମସ୍ତେ କହନ୍ତି।

# ବାପାଙ୍କୁ ମାଡ଼ ମାରି ଘରୁ ତଡ଼ିଦେଲେ ପୁଅ, ବୋହୂ

ଛତ୍ରପୁର,୩୧।୧୦ (ଦିଲ୍ଲୀପ ସାମଲ):

**ଗଞ୍ଜାମ ଏସ୍‌ପିଙ୍କ ଦ୍ୱାରସ୍ଥ**

ପରିଣତ ବୟସରେ ଅଲୋଡା ହୋଇଗଲେ ବାପା। ସମ୍ପତି ବାଣ୍ଟି ନେବା ପରେ ବାପାଙ୍କୁ ମାଡ଼ ମାରି ଘରୁ ତଡ଼ିଦେଲେ ପୁଅ ବୋହୂ। ଶେଷରେ ସାହି ପଡ଼ିଶାଙ୍କ ବାରଣ୍ଡା ବାପାଙ୍କ ପାଇଁ ପାଲଟିଲା ଆଶ୍ରୟସ୍ଥଳ। ଶେଷରେ ନ୍ୟାୟ ପାଇଁ ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ବୃଦ୍ଧ ବାପା। ଏଭଳି ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଅଞ୍ଚଳରେ।

କବିସୂର୍ଯ୍ୟନଗର ଥାନା ପଥରାପଲ୍ଲୀ ଗ୍ରାମର ଅଭିମନ୍ୟୁ ସାହୁ (୯୧) । ଠିକ୍‌ସେ ଆଖିକୁ ଦେଖାଯାଉ ନାହିଁ। ଚାଲିବାକୁ ସାହାରା ଏକ ବଙ୍କୁଲି ବାଡ଼ି। ସ୍ତ୍ରୀ ଆରପାରିକୁ ଚାଲିଯାଇଛନ୍ତି। ତିନି



ପୁଅଙ୍କୁ ଜନ୍ମ ଦେଇଥିବାବେଳେ ଦୁଇ ପୁଅ ବାହାରେ ରହୁଛନ୍ତି। ଘରେ ସାନ ପୁଅ ପ୍ରଶାନ୍ତ ଓ ବୋହୂ ସୁନିତା ସୁବୁଦ୍ଧି। ବୃଦ୍ଧ ବାପାଙ୍କୁ ଖାଇବାକୁ ନଦେଇ ଓଲଟି ମାଡ ମାରିବା ସହ ଘରୁ ବାହାର କରିଦେଇଛନ୍ତି। କୌଣସି ଉପାୟ ନପାଇ ଏସପିଙ୍କ ନିକଟରେ ଅଭିଯୋଗ କରିଛନ୍ତି ବୃଦ୍ଧ ଅଭିମନ୍ୟୁ। କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ କଲେ କେହି ଶୁଣୁନଥିବା କହିଛନ୍ତି। ଘରେ ରହିଲେ ସାନ ପୁଅ ମାରି ଦେବାର ଧମକ ମଧ ଦେଉଥିବା କହିଛନ୍ତି। ଗଞ୍ଜାମ ଏସପି ଜଗମୋହନ ମିନା ଅଭିଯୋଗ ଶୁଣିବା ପରେ ତୁରନ୍ତ କବିସୂର୍ଯ୍ୟନଗର ଥାନା ଅଧିକାରୀଙ୍କୁ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ଆର.ଉଦୟଗିରି ପୂର୍ତ୍ତ ବିଭାଗରେ ଅଧିକାରୀ, କର୍ମଚାରୀଙ୍କ ମରୁଡ଼ି

ଆର.ଉଦୟଗିରି,୩୧।୧୦(ମନୋଜ କୁମାର ପାଢୀ)

ଆର.ଉଦୟଗିରି ପୂର୍ତ୍ତ ବିଭାଗର ସବଡିଭିଜନ ଅଫିସରେ ଅଧିକାରୀଙ୍କ ସହ କର୍ମଚାରୀଙ୍କ ମରୁଡି ଦେଖା ଦେଇଛି। ଏଠାରେ ବହୁ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ବହୁ ଅର୍ଥ ବ୍ୟୟ ହୋଇଛି। ହେଲେ ସବୁକିଛି କାଗଜକଲମରେ ସୀମିତ ରହିଛି। ଠିକାଦାରଙ୍କ ମର୍ଜିରେ ବିଭାଗୀୟ କିଛି ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ସରକାରଙ୍କ ବିକାଶମୂଳକ ଯୋଜନା ଲୋକଙ୍କଠାରେ ପହଞ୍ଚିପାରୁନାହିଁ। ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି ଯେ ଗତ ୧ ବର୍ଷର ସମସ୍ତ କାର୍ଯ୍ୟନେଇ ନିରପେକ୍ଷ ତଦନ୍ତ କଲେ ଏହି ସବଡିଭିଜନର ମହା ଦୁର୍ନୀତି ଲୋକଲୋଚନକୁ ଆସିପାରିବ। ଘଟଣାରୁ ପ୍ରକାଶ, ଏହି ସବଡିଭିଜନ ଅଫିସ ଅଧୀନରେ ୩ଟି ସେକସନ ରହିଛି। ସେ ଗୁଡିକ ହେଲା ରାମଗିରି, ଖଜୁରିପଦା ଓ ଆର.ଉଦୟଗିରି ସେକ୍ସନରେ ଜଣେ କନିଷ୍ଠ ଯନ୍ତ୍ରୀ ରହିଛି। ସେହିପରି ସବଡିଭିଜନ ଅଫିସର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ମଧ କିଛି ମାସ ହେଲା ବଦଳି ହୋଇଯାଇଛି। ତାଙ୍କ ବଦଳରେ କିଏ ଯନ୍ତ୍ରୀ ନ ଆସିବାରୁ ରାମଗିରି ସେକ୍ସନର କନିଷ୍ଠ ଯନ୍ତ୍ରୀ ସମସ୍ତ ଦାୟିତ୍ୱ ତୁଲାଇଆସୁଛନ୍ତି। ଏହି ଅଫିସରେ କିରାଣି ଓ କ୍ୟାସିୟରଙ୍କ ପଦବୀ ମଧ ଦୀର୍ଘ ବର୍ଷ ଧରି ଖାଲି ପଡିଛି। ଏହି ସବଡିଭିଜନ ଅଫିସରେ ଛେଲିଗଡରୁ ରାମଗିରି, ରାମଗିରିରୁ ମଣ୍ଡଳସାହି ରାସ୍ତା କାମ, ଆର.ଉଦୟଗିରିରୁ ସମ୍ବଲପୁର, ଖଜୁରିପଦାରୁ ନୂଆଗଡ଼, ନୂଆଗଡରୁ ସେରଙ୍ଗ, ଆର.ଉଦୟଗିରିରୁ ରାମଗିରି ରାସ୍ତା କାମ ପରିମଳ ଆଦର୍ଶ, ଛେଲିଗଡ଼ ଓ ମାଳବା ୫-ଟିରେ ବିଦ୍ୟାଳୟ ରୂପାନ୍ତରିତ କାମ ପୂର୍ତ୍ତ ବିଭାଗ ଦ୍ୱାରା ଚାଲୁଛି। ଏହି କାମ ଗୁଡିକ ଭଗବାନଙ୍କ ଭରଷାରେ ଚାଲୁଛି। ଏହି ବିଭାଗରେ ଯେଉଁ ସବୁ ରାସ୍ତାକାମ ମରାମତି ଓ ଅନ୍ୟ କାମ ଗୁଡିକ ଚାଲୁଛି, ପିଚୁକାମ କରିବା ଅଭିଜ୍ଞତା ନଥିବା ଠିକାଦାର ମାନଙ୍କୁ କାମ କରିବାକୁ ଦିଆଯାଇଥିବାରୁ ରାସ୍ତା ମରାମତି କାମ ଅତିନିମ୍ନମାନର ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଆର.ଉଦୟଗିରି ପୂର୍ତ୍ତ ବିଭାଗ ସବଡିଭିଜନ ଅଧିନ ଏକ ବର୍ଷ ମଧରେ ଯେଉଁ ସବୁ କାମ କରାଯାଇଛି ସମସ୍ତ କାମ ଦୁର୍ନୀତି ବିଭାଗ ଦ୍ୱାରା ତଦନ୍ତ କରାଗଲେ ପ୍ରକୃତ ରହସ୍ୟ ଲୋକଲୋଚନକୁ ଆସିପାରିବ ବୋଲି ସାଧାରଣରେ ଦାବି ହେଉଛି।

# ନୂତନ ବିଡିଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ପୋଲସରା,୩୧।୧୦(ସୁବ୍ରତ ବେହେରା)

ପୋଲସରା ବ୍ଲକ ଅନ୍ତର୍ଗତ ଗୋଛାବାଡି ଗ୍ରାମ ପଞ୍ଚାୟତର ଯୁବକମାନେ ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେସ୍ କୁମାର ଜାନିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏହି ଅବସରରେ ପ୍ରଶାନ୍ତ କୁମାର ଗୌଡ଼, କେଦାରନାଥ ଗୌଡ, ବୁଲୁ ଗୌଡ଼, ପ୍ରଶାନ୍ତ ଗୌଡ଼, ଯିତୁ ଗୌଡ, ଅଭିମନ୍ୟୁ ଗୌଡ଼ ସାକ୍ଷାତ କରି ଗୋଛାବାଡ଼ି ଗ୍ରାମ ପଞ୍ଚାୟତର ମୌଳିକ ସମସ୍ୟାର ଯଥାଶୀଘ୍ର ସମାଧାନ ପାଇଁ ଜାନିଙ୍କୁ ଅନୁରୋଧ କରିଥିଲେ ଏବଂ ନିକଟରେ ଘଟିଥିବା ଚାଞ୍ଚରାପଲ୍ଲୀ ରାସ୍ତାର ସମସ୍ୟାକୁ ଜଣେଇବା ସହ ଗ୍ରାମର ପାନୀୟ ଜଳ ସମସ୍ୟା ଏବଂ ଗ୍ରାମରେ ଲାଇଟ୍‌ର ସମସ୍ୟା ସମାଧାନ କରିବା ସହିତ ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରିଥିଲେ।

### ଟ୍ରକ୍ ଧକ୍କାରେ ବୃଦ୍ଧ ମୃତ

ଗୋପାଳପୁର,୩୧।୧୦(ନବୀନ ରାଜ ଆଚାରୀ):

ଗୋଳନ୍ଥରା ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥରେ ମଙ୍ଗଳବାର କେ ସୁବାଣୀ ଛକ ନିକଟରେ ଟ୍ରକ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆର. ସୁବାନୀ ଗ୍ରାମର ଭାଗ୍ୟ ଦାସ। ସୁବାଣୀ ଛକ ନିକଟରେ ଭାଗ୍ୟ ଛିଡା ହୋଇଥିବା ବେଳେ ଇଛାପୁରରୁ ଭୁବନେଶ୍ୱର ଆସୁଥିବା ଏକ ଟ୍ରକ ଦ୍ରୁତ ଗତିରେ ଆସି ଭାଗ୍ୟଙ୍କ ଉପରେ ଚଢିଯାଇଥିଲା। ଗୋଳନ୍ଥରା ପୋଲିସ ପହଞ୍ଚି ଗୁରୁତର ଭାଗ୍ୟଙ୍କୁ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

### ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସର ସମ୍ବର୍ଦ୍ଧନା

ଜି.ଉଦୟଗିରି,୩୧।୧୦(ପି. ସଞ୍ଜୀବ କୁମାର ପାତ୍ର):

ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ରଟିଙ୍ଗିଆ ପଞ୍ଚାୟତସ୍ଥିତ ଡକେଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ପ୍ରଧାନ ଶିକ୍ଷୟିତ୍ରୀ କବିତା ପଟ୍ଟନାୟକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ବିଦ୍ୟାଳୟ କମିଟି ସଭାପତି ସୁଯୋଗା ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମିହିରକାନ୍ତ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ବଳରାମ ସାହୁ, ଲୋକନାଥ ବାରିକ ଓ ଗୋଲକ ବିହାରୀ ପଟ୍ଟନାୟକ, ବୈକୁଣ୍ଠ ନାଥ ସାହୁ ପ୍ରମୁଖ ଉପସ୍ଥିତ ରହି ଥିଲେ। ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀ ନିଜ ଅଭିଭାଷଣରେ ରାମାୟଣ ଉପାଖ୍ୟାନ ଦେଇ ପିଲାମାନଙ୍କୁ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ଶେଷରେ ଛାତ୍ରୀ ଓ ଶିକ୍ଷୟତ୍ରୀମାନଙ୍କ ଦ୍ୱାରା ବିଦାୟୀ ସଙ୍ଗୀତ ଗାନ କରାଯାଇଥିଲା। ସିଆରସିସି ବିଦେଶୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଲିଙ୍ଗେଶ୍ୱର ମନ୍ଦିରରୁ ଚୋରି

ପୋଲସରା,୩୧।୧୦(ସୁବ୍ରତ ବେହେରା):

ପୋଲସରା ଥାନା ରଣପଡ଼ା ପଶ୍ଚିମମୁଖି ଲିଙ୍ଗେଶ୍ୱର ମନ୍ଦିରରୁ ଗତ ସୋମବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ମନ୍ଦିରରେ କିଛି ଦୁର୍ବୃତ୍ତ ପଶି ଅଫିସ୍ ରୁମକୁ ଭଙ୍ଗା ରୁଜୁ କରି ଭିତରେ ଥିବା ଲୁହା ଗଡରେଜ୍, ଟ୍ରଙ୍କ ପେଡ଼ିକୁ ଟେକି ନେଇ କିଛି ଦୂରରେ ପକାଇବା ସହ ମନ୍ଦିରର ଦାନ ବାକ୍ସକୁ ଭାଙ୍ଗି ଟଙ୍କା ଲୁଟି ନେଇଥିବା ମନ୍ଦିର କମିଟି ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୬୭୪/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ନେଇ ଥାନାଧିକାରୀ କୌଶିକି ମାଝୀ କହିଛନ୍ତି।

# ମାର୍କଫେଡ ପୂର୍ବତନ ପରିଚାଳକଙ୍କୁ ୪ ବର୍ଷ ଜେଲ

ଫୁଲବାଣୀ, ୩୧।୧୦(ରାକେଶ କୁମାର ରାଉତ)

ଏକ ଲାଞ୍ଚ କାରବାର ମାମଲାର ବିଚାର କରି ମଙ୍ଗଳବାର ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତି ସମର ବିଳାସ ବେହେରା ଅଭିଯୁକ୍ତଙ୍କୁ ୪ ବର୍ଷ ସଶ୍ରମ କାରା ଦଣ୍ଡାଦେଶ ଦେଇଛନ୍ତି । ଏଥିସହ ତାଙ୍କୁ ୧୦ ହଜାର ଟଙ୍କା ଜରିମାନା କରାଯାଇଛି । ଏହା ଅନାଦେୟ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବୌଦ୍ଧ ଜିଲା ମାର୍କଫେଡର ପୂର୍ବତନ ପରିଚାଳକ ଭୁବନ ମୋହନ ଦାସ ।

ଖୋର୍ଦ୍ଧା ଜିଲା ବାଲିଅନ୍ତା ଥାନା ଅନ୍ତର୍ଗତ ବେଣୁପୁର ଗ୍ରାମର ଭୁବନ ବୌଦ୍ଧ ଜିଲାରେ ମାର୍କଫେଡର ପରିଚାଳକ ଭାବେ କାମ କରୁଥିଲେ। ୨୦୦୭ରେ ହଳଦୀ ଏବଂ ଅନ୍ୟାନ୍ୟ ବିହନର ମଞ୍ଜି କ୍ରୟ କରିବା ପାଇଁ ଥିବା ୯ ଲକ୍ଷ ୬୬ ହଜାର ଟଙ୍କା ଆତ୍ମସାତ କରିଥିବା ତାଙ୍କ ନାମରେ ଅଭିଯୋଗ ଆସିଥିଲା। ଯାଞ୍ଚ ପରେ ଏଥିରେ ସତ୍ୟତା ଜଣାପଡିବା ପରେ ୩୦/୦୭ରେ ମାମଲା ରୁଜୁ ହୋଇଥିଲା। ଏହାପରେ ତାଙ୍କୁ ୨୦୦୮ରେ ନିଲମ୍ବିତ କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଭିଜିଲାନ୍ସ ପିପି ଭିଭି ରାମଦାସ ମାମଲା ପରିଚାଳନା କରୁଥିଲେ।

# ଜାତୀୟ ଏକତା ଦିବସ ପାଳିତ




ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଶପଥପାଠ କରାଯାଉଛି।

ପାରଳାଖେମୁଣ୍ଡି, ୩୧।୧୦ (ଗିରିଧାରୀ ପରିଛା):

ସ୍ଥାନୀୟ ମହିଳା ସ୍ନାତକ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ ଉଦଘାଟିତ ହେବା ସହିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୪୮ତମ ଜୟନ୍ତୀ ଅବସରରେ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଅଛି। ଏହି ଅବସରରେ ମଙ୍ଗଳବାର ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଦୁର୍ନୀତି ନିବାରଣ ସମ୍ପର୍କିତ ଏକ ରାଲିକୁ ଉଦଘାଟନ କରିଥିଲେ। ନାଗରିକଙ୍କ ପାଇଁ ସାଧୁତାର ଶପଥ- ଶୀର୍ଷକ ଏକ ସାମୂହିକ ଶପଥ ପାଠ କରାଇଥିଲେ। ଛାତ୍ରୀମାନେ 'ଦୁର୍ନୀତିକୁ ବିରୋଧ କରିବା ରାଷ୍ଟ୍ର ପ୍ରତି ସମର୍ପିତ ରହିବା' ନାରା ଦେଇ ଜନସଚେତନତା ସୃଷ୍ଟି କରିଥିଲେ। ସେହିପରି ଭାରତର ଲୌହ ମାନବ, ସର୍ଦ୍ଦାର ବଲ୍ଲବଭାଇ ପଟେଲଙ୍କ ୧୪୮ତମ ଜୟନ୍ତୀ ତଥା ଜାତୀୟ ଏକତା ଦିବସ ପାଳନ ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଅଧ୍ୟକ୍ଷା ଡ଼. ରୀନା ସାହୁ, ଅଧାପିକା ଡ଼. କଲ୍ୟାଣୀ ମିଶ୍ର ଅଧାପକ କୃଷ୍ଣଚନ୍ଦ୍ର ପଣ୍ଡିତ ପଟେଲଙ୍କ ଜୀବନୀ, ସ୍ୱାଧୀନତା ସଂଗ୍ରାମ ତଥା ଗଡଜାତ ମିଶ୍ରଣରେ ପଟେଲଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଶେଷରେ ଅଧାପିକା ମଧୁସ୍ମିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଟିକେଟ କାଟି ଟ୍ରେନରେ ଯାତ୍ରା କରିବାକୁ ସଚେତନତା



ହାତରେ ପ୍ଲାକାର୍ଡ ଧରି ସଚେତନତା ।

ଗଞ୍ଜାମ,୩୧।୧୦(ବିଦ୍ୟାଧର ସାହୁ)

ଗଞ୍ଜାମ ଷ୍ଟେସନରେ ପୁରୀ ତିରୁପତି ଓ ହୀରାଖଣ୍ଡ ଏକ୍ସପ୍ରେସ ରହଣି ପାଇଁ ଗଞ୍ଜାମ ପୌରାଞ୍ଚଳ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଗତ ଅକ୍ଟୋବର ୨ ରେ ଷ୍ଟେଶନ ସମ୍ମୁଖରେ ଧାରଣା ଦିଆଯାଇଥିଲା। ବରିଷ୍ଠ ନାଗରିକ ମଞ୍ଚର ଦାବୀ ମୁତାବକ ଗତ କିଛି ଦିନ ହେବ ହୀରାଖଣ୍ଡ ଏକ୍ସପ୍ରେସ ଟ୍ରେନ ରହଣି ହୋଇଥିଲେ ମଧ ପୁରୀ ତିରୁପତି ଟ୍ରେନ ରହୁନାହିଁ। ରେଳ କର୍ତ୍ତୃପକ୍ଷଙ୍କ କହିବା ଅନୁସାରେ ଅଧିକ ଟିକେଟ ବିକ୍ରି ହେଲେ ତିରୁପତି ରହିବାରେ ଅସୁବିଧା ହେବ ନାହିଁ। ଏଥିପାଇଁ ମଙ୍ଗଳବାର ସକାଳେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଲିଙ୍ଗରାଜ ପଟ୍ଟନାୟକ, ଉପସଭାପତି ରବୀନ୍ଦ୍ର କୁମାର ପଣ୍ଡା, ବରିଷ୍ଠ ସଦସ୍ୟ ବିନୋଦ ଚନ୍ଦ୍ର ମହାପାତ୍ର, ବ୍ରଜ ପାଣିଗ୍ରାହୀ, ସୁରେନ୍ଦ୍ର ପଟ୍ଟନାୟକଙ୍କ ପ୍ରମୁଖ ହାତରେ ପ୍ଲାକାର୍ଡ ଧରି ଷ୍ଟେସନ ଯାଇ ଟିକେଟ କାଟି ଟ୍ରେନରେ ଯାତ୍ରା କରିବାକୁ ଲୋକଙ୍କୁ ସଚେତନତା କରିଥିଲେ। ବିନା ଟିକେଟରେ କିଛି ଶିକ୍ଷୟିତ୍ରୀ ଶିକ୍ଷକ ଟ୍ରେନ୍‌ରେ ଯିବା ଆସିବା କରୁଥିବା ସଚେତନତା ସମୟରେ ଧରା ପଡିଥିଲା। ଶିକ୍ଷୟିତ୍ରୀ ଯାତ୍ରା କରୁଥିବାକୁ ଦୃଢ ନିନ୍ଦା କରିଛନ୍ତି ବରିଷ୍ଠ ନାଗରିକ ମଞ୍ଚ।

# ପର୍ଯ୍ୟଟନର ବିକାଶ ପାଇଁ ୧୭. ୧୦ କୋଟି ଅନୁଦାନ

ଦାରିଙ୍ଗବାଡ଼ି, ୩୧।୧୦ (ଅରୁଣ ସାହୁ)

ଓଡ଼ିଶାର କାଶ୍ମୀର କୁହାଯାଉଥିବା ଦାରିଙ୍ଗବାଡିରେ ଗତ କିଛିଦିନ ହେଲା ଶୀତ ଆରମ୍ଭ ହୋଇସାରିଛି। ୧୫ ଡିଗ୍ରୀ ତଳେ ତାପମାତ୍ରା ରହୁଥିବା ବେଳେ ଶୀତର ମଜା ନେବା ପାଇଁ ଦଶହରା ପୂଜା ଛୁଟିଠାରୁ ଦାରିଙ୍ଗବାଡ଼ିକୁ ପର୍ଯ୍ୟଟକଙ୍କ ଆଗମନ ହୋଇସାରିଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବୁଧବାର ପ୍ରଶାସନ ପକ୍ଷରୁ ଦାରିଙ୍ଗବାଡ଼ିକୁ ପରିଚିତ କରିଥିବା କଫି ବଗିଚା ପରିସର ମଧ୍ୟରେ ଏକ କାଫେ ଏବଂ ଶିଶୁ ଉଦ୍ୟାନର ଶୁଭାରମ୍ଭ କରାଯାଉଛି। ଦାରିଙ୍ଗବାଡ଼ିକୁ ଆସୁଥିବା ପର୍ଯ୍ୟଟକ ଦାରିଙ୍ଗବାଡିର ଜୈବିକ କଫି କିଣି ନେଉଥିଲେ ସୁଦ୍ଧା କଫି ଏଠାରେ ପିଇବା ପାଇଁ ମିଳୁନଥିଲା। ପ୍ରଥମଥର ପାଇଁ ପ୍ରଶାସନ ପକ୍ଷରୁ ପର୍ଯ୍ୟଟକଙ୍କୁ ଜୈବିକ ପଦ୍ଧତିରେ ଚାଷ କରାଯାଉଥିବା




ଉଦ୍‌ଘାଟନ ହେବାକୁ ଥିବା କାଫେ ।

- **ପର୍ଯ୍ୟଟନକ୍ଷେତ୍ରରେ ଆଉ ଏକ କ୍ଷେତ୍ର ଯୋଡ଼ି ହେଲା**
- **ଦାରିଙ୍ଗବାଡିର ଜୈବିକ କଫିର ମଜା ନେବେ ପର୍ଯ୍ୟଟକ**
- **ଆଜି କଫି ବଗିଚାରେ କାଫେ, ଶିଶୁ ଉଦ୍ୟାନ ଶୁଭାରମ୍ଭ**

ଦାରିଙ୍ଗବାଡି କଫି ସୁବିଧାରେ ପିଇବାକୁ ମିଳିବ। ଏଥିସହ ଶିଶୁ ପର୍ଯ୍ୟଟକଙ୍କ ପାଇଁ ଶିଶୁ ଉଦ୍ୟାନ କରାଯାଇଛି ଯେଉଁଠି ସେଲଫି ପଏଣ୍ଟ, ଦୋଳି, ଖସଡ଼ା, ବିଭିନ୍ନ ପ୍ରାଣୀଙ୍କ ଫାଇବାର ମୂର୍ତ୍ତି ଆଦି ସ୍ଥାପନ କରାଯାଇଛି ଯାହାକି ଶିଶୁ ପର୍ଯ୍ୟଟକଙ୍କୁ ବହୁତ ଆକୃଷ୍ଟ କରିବ ବୋଲି ଆଶା କରାଯାଇଛି। ସେହିପରି ଦାରିଙ୍ଗବାଡିର ଅନ୍ୟ ପର୍ଯ୍ୟଟନ କେନ୍ଦ୍ର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ରୂପାନ୍ତର କରାଯିବା ପାଇଁ ପ୍ରାୟ ୧୭ କୋଟି ୧୦ ଲକ୍ଷ ଟଙ୍କା ଅନୁଦାନ ଆସିଛି। ଯାହାକି ପର୍ଯ୍ୟଟନ କ୍ଷେତ୍ର ଗୁଡିକର ବିକାଶ ହେବା ସହ ପର୍ଯ୍ୟଟକଙ୍କୁ ଅଧିକା ଆକୃଷ୍ଟ କରିବ ବୋଲି ବିଡିଓ ଗଦାଧର ପାତ୍ର କହିଛନ୍ତି। ସେହିପରି ବୁଧବାର ଦାରିଙ୍ଗବାଡିରେ ଚତୁର୍ଥ ବର୍ଷ ପାଇଁ ଇକୋ ଟ୍ରିଟ୍ରର ଶୁଭାରମ୍ଭ ଏକ ମାସ ପୂର୍ବରୁ କରାଯାଉଛି। ଚଳିତ ଥର ମଧ ଦାରିଙ୍ଗବାଡି ଇକୋ ଟ୍ରିଟ୍ରର ପର୍ଯ୍ୟଟକଙ୍କ ପାଇଁ ପଞ୍ଚତାରକା ହୋଟେଲର ସୁବିଧା ଭଳି ଉପଲବ୍ଧ କରାଯିବ। ସେମାନଙ୍କ ମନରଞ୍ଜନ ପାଇଁ ବ୍ୟବସ୍ଥା ସହ ଯୋଗ, ବ୍ୟାୟାମ, ସାଇକଲ ରାଇଡିଂ, ଟ୍ରାକିଙ୍ଗ ବିଭିନ୍ନ ପର୍ଯ୍ୟଟନକ୍ଷେତ୍ରକୁ ବୁଲାଇନେବା ବ୍ୟବସ୍ଥା ଆଦି କରାଯାଉଛି। ସେହିପରି ଉକ୍ତ ଇକୋ ଟ୍ରିଟ୍ରରେ ସ୍ଥାନୀୟ ଯୁବତୀ ଯୁବକମାନଙ୍କୁ ନିଯୁକ୍ତି ମଧ ଦିଆଯାଉଛି। ଫଳରେ ବେକାର ଯୁବତୀ ଯୁବକଙ୍କୁ ସ୍ୱାରୋଜଗାର ମିଳୁଥିବା ସ୍ଥାନୀୟ ଯୁବକମାନେ କହିଛନ୍ତି।

# ଜମି ପଟ୍ଟା ଦାବିରେ ବସ୍ତି ସୁରକ୍ଷା ମଞ୍ଚର ଶୋଭାଯାତ୍ରା

ପାରଳାଖେମୁଣ୍ଡି, ୩୧।୧୦ (ଗିରିଧାରୀ ପରିଛା):

ଗଜପତି ଜିଲା ପାରଳାଖେମୁଣ୍ଡି ସହରର ବସ୍ତି ସୁରକ୍ଷା ମଞ୍ଚ ସହିତ ୱାର୍ଡ ୧ ଓ ୧୨ର ଲୋକମାନେ ମଙ୍ଗଳବାର ଜମି ପଟା ପ୍ରଦାନ ଦାବିରେ ଏକ ବିକ୍ଷୋଭ ଶୋଭାଯାତ୍ରା କରିଛନ୍ତି। ଏହି ଶୋଭାଯାତ୍ରା ସ୍ଥାନୀୟ ରାମନଗରଠାରୁ ବାହାରି ପାରଳାଖେମୁଣ୍ଡି ପୌର ପରିଷଦ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଘଣ୍ଟ ବାଡେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବସ୍ତି ଅଞ୍ଚଳରେ ବିଭିନ୍ନ ସରକାରୀ ଜମିରେ ରହୁଥିବା ଲୋକେ ନିଜ ଘରର ମାଲିକାନା ପଟା ପାଇଥିବା ବେଳେ ପୌରପରିଷଦ ଜମିରେ ରହିଥିବା ଲୋକ ବାରମ୍ବାର ଲିଖିତ ଅଭିଯୋଗ କରିବା ପରେ ମଧ ନିଜ ଘର ମାଲିକାନା ପଟା ପାଇନଥିବା ଅଭିଯୋଗ କରିଛନ୍ତି। ଓଡ଼ିଶା ସରକାରଙ୍କ ଭୂମି ଅଧିଗ୍ରହଣ ନିୟମ ୨୦୧୭ ଅନୁଯାୟୀ ବସ୍ତି ବାସିନ୍ଦାଙ୍କ ଚତୁଃପାର୍ଶ୍ୱରେ ଭୂମି ଯୋଗ୍ୟତା ପ୍ରମାଣ ପତ୍ର




ବସ୍ତି ସୁରକ୍ଷା ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ମିଳିସାରିଥିବା ବେଳେ କିଛି ହିତାଧିକାରୀ ଆଜି ବି ଭୂମି ପଟା ପାଇବାରୁ ବଞ୍ଚିତ ଅଛନ୍ତି ବୋଲି ଅଭିଯୋଗ କରିଛନ୍ତି ବସ୍ତି ସୁରକ୍ଷା ମଞ୍ଚର ଆବାହକ ସୁଜିତ କୁମାର ପ୍ରଧାନ। ଏନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ବନମାଳୀ ଶତପଥୀ କହିଛନ୍ତି, ବସ୍ତି ସୁରକ୍ଷା ମଞ୍ଚ ତରଫରୁ ଏହି ସମସ୍ୟା ସମ୍ପର୍କରେ ଲିଖିତ ଅଭିଯୋଗ ହୋଇଥିଲା । ଯେଉଁ ଲୋକମାନେ ଜମି ପଟା ପାଇ ନାହାନ୍ତି ସେମାନେ ପୌର ପରିଷଦ ମାଲିକାନା ଜମିରେ ନ ରହି କିଛି ଲୋକ ଜଙ୍ଗଲ ଜମି, ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟର ଅଞ୍ଚଳ ଜମି ଓ ବ୍ୟକ୍ତିଗତ ମାଲିକାନା ଜମିରେ ରହୁଛନ୍ତି। ତେଣୁ ସେମାନେ ଜମି ପଟ୍ଟା ପାଇବାରୁ ବଞ୍ଚିତ ଅଛନ୍ତି ବୋଲି ସେମାନଙ୍କୁ ଜଣାଇ ଦିଆଯାଇଛି।

**କଂଗ୍ରେସ ପକ୍ଷରୁ ଇନ୍ଦିରା ଗାନ୍ଧୀଙ୍କ ସ୍ମୃତିଚାରଣ**

ବ୍ରହ୍ମପୁର,(ନରସିଂହ ସାହୁ)-ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ବାର୍ଷିକୀ ଗଞ୍ଜାମ ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ବ୍ରହ୍ମପୁରରେ ପାଳିତ ହୋଇଯାଇଛି। କର୍ମୀମାନେ ପୁରୁଣା ବସଷ୍ଟାଣ୍ଡ ନିକଟ ଇନ୍ଦିରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପିସିସି ସାଧାରଣ ସମ୍ପାଦକ ପ୍ରମୋଦ କୁମାର ଜେନା ଓ ମୁଖପାତ୍ର ପୀତବାସ ପଣ୍ଡାଙ୍କ ସମେତ କୃଷକ କଂଗ୍ରେସ ନେତା ବୃନ୍ଦାବନ ଖଟେଇ ଓ ଅନ୍ୟମାନେ ଯୋଗ ଦେଇଥିଲେ। ବାପୁଜୀ ଆଶ୍ରମରେ ସ୍ମୃତିଚାରଣ ସଭାରେ ନେତା ଓ କର୍ମୀମାନେ ଇନ୍ଦିରାଙ୍କ ଶାସନରେ ଦେଶରେ ହୋଇଥିବା ବହୁମୁଖୀ ବିକାଶ ସମ୍ପର୍କରେ ବଖାଣିଥିଲେ।

# ବରିଷ୍ଠ ନାଗରିକଙ୍କ କଲ୍ୟାଣ ପାଇଁ ମୋ ସରକାର କାର୍ଯ୍ୟ କରୁଛି

## ତୀର୍ଥ ଯାତ୍ରା ଯୋଜନା ଟ୍ରେନ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିସିରେ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଟ୍ରେନର ଶୁଭାରମ୍ଭ କରୁଛନ୍ତି। ବ୍ରହ୍ମପୁର ରେଳଷ୍ଟେଶନରେ ଉପସ୍ଥିତ ମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ଅନ୍ୟମାନେ।



ଟ୍ରେନରେ ଯାତ୍ରା କରୁଥିବା ବରିଷ୍ଠ ନାଗରିକ।

ବ୍ରହ୍ମପୁର,୩୧।୧୦(ସ୍ମୃତି ରଞ୍ଜନ ମହାଲିକ)

ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଏକ ଲୋକପ୍ରିୟ ଯୋଜନା। ୨୦୧୬-୧୭ରୁ ବରିଷ୍ଠ ନାଗରିକମାନେ ଦେଶର ବିଭିନ୍ନ ସ୍ଥାନ ତୀର୍ଥ ଯାତ୍ରାରେ ବୁଲିଛନ୍ତି। ବରିଷ୍ଠ ନାଗରିକଙ୍କ କଲ୍ୟାଣ ପାଇଁ ମୋ ସରକାର ସର୍ବଦା କାର୍ଯ୍ୟ କରୁଛି। ତୀର୍ଥ ଯାତ୍ରୀଙ୍କ ନିମନ୍ତେ ରାଜ୍ୟ ସରକାର ସମସ୍ତ ବ୍ୟବସ୍ଥା କରିଛନ୍ତି ବୋଲି ବରିଷ୍ଠ ନାଗରିକଙ୍କୁ ନେଇ ମଙ୍ଗଳବାର ବ୍ରହ୍ମପୁରରୁ ବାହାରିଥିବା ସ୍ୱତନ୍ତ୍ର ଟ୍ରେନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସରେ ଶୁଭାରମ୍ଭ କରିବା ଅବସରରେ କହିଛନ୍ତି। ବ୍ରହ୍ମପୁର ରେଳଷ୍ଟେଶନ ୪ ନଂ. ପ୍ଲାଟଫର୍ମରେ ଏହି ଟ୍ରେନକୁ ସେଠାରେ ଉପସ୍ଥିତ ଏମ୍‌ପି, ବିଧାୟକ ଓ ଅନ୍ୟ ଅଧିକାରୀମାନେ ସବୁଜ ପତାକା ଦେଖାଇଥିଲେ।

ଗଞ୍ଜାମ ସମେତ ଗଜପତି, ବୌଦ୍ଧ, କନ୍ଧମାଳ ଓ ନୟାଗଡ ଜିଲାରୁ ୯୭୦ ଜଣ ତୀର୍ଥ ଯାତ୍ରୀ ବ୍ରହ୍ମପୁର-କନ୍ୟାକୁମାରୀ-ତିରୁବନ୍ତପୁରମ ସ୍ୱତନ୍ତ୍ର ଟ୍ରେନର ୧୮ଟି କୋଚରେ ଯାତ୍ରା କରିଛନ୍ତି। ସେମାନଙ୍କ ନିମନ୍ତେ ଖାଦ୍ୟର ବ୍ୟବସ୍ଥା କରାଯାଇଛି। ତୀର୍ଥ ଯାତ୍ରୀଙ୍କୁ ସ୍ୱତନ୍ତ୍ର ପରିଚୟ ପତ୍ର ପ୍ରଦାନ କରାଯାଇଛି। ବ୍ରହ୍ମପୁରର ବରିଷ୍ଠ ନାଗରିକ ଜେ. ରାମ କୁମାର ପାତ୍ର ପ୍ରଥମ ଥର ପାଇଁ ତୀର୍ଥ ଯାତ୍ରା କରୁଥିବାରୁ ବହୁତ ଖୁସି ବୋଲି କହିଛନ୍ତି। ବରିଷ୍ଠ ନାଗରିକଙ୍କ ନିମନ୍ତେ ରାଜ୍ୟ ସରକାର ଏଭଳି ଯୋଜନା କରିଥିବାରୁ ସେ ଧନ୍ୟବାଦ ଜଣାଇଛନ୍ତି। ଟ୍ରେନ୍ ଶୁଭାରମ୍ଭ ସମୟରେ ଅନ୍ୟମାନଙ୍କ ମଧ୍ୟରେ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖ ସାହୁ, ଆସିକା ଏମ୍‌ପି ପ୍ରମିଳା ବିଶୋୟୀ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳୀ ସ୍ୱାଇଁ, ବିଏମସି ମେୟର ସଂଘମିତ୍ରା ଦଳେଇ, ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣି, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଭି କୀର୍ତ୍ତି ଭାଷନ, ବିଏମ୍‌ସି କମିଶନର ଜେ. ସୋନାଲ, ଡେପୁଟି କମିଶନର ତଥା ଜିଲା ଭାରପ୍ରାପ୍ତ ପର୍ଯ୍ୟଟନ ଅଧିକାରୀ ବିନୋଦ କୁମାର ବେହେରା, ଅତିରିକ୍ତ କମିଶନର ରମେଶ ହାଂସଦା, ବିଇଡିଏ ସଚିବ ସମ୍ବିତ ରାଉତ, ବ୍ରହ୍ମପୁର ଏସ୍‌ପି ଡା ଶ୍ରର୍ବଣା ବିବେକ ଏମ ପ୍ରମୁଖ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ ଆଶିଷ



@ ପ୍ରଶନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ଆଇନଜୀବୀଙ୍କ ବିୟୋଗରେ ଶୋକ

ବ୍ରହ୍ମପୁର,୩୧।୧୦ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଓକିଲ ସଂଘର ସଭ୍ୟ ଦୁର୍ଗା ମାଧବ ପଟ୍ଟନାୟକ(୬୧)ଙ୍କ ରବିବାର ବିଳମ୍ବିତ ରାତିରେ ହୃଦଘାତରେ ମୃତ୍ୟୁ ଘଟିଥିଲା। ତାଙ୍କ ବିୟୋଗରେ ସୋମବାର ଓକିଲ ସଂଘ କାର୍ଯ୍ୟାଳୟରେ ଏକ ଶୋକସଭା ହୋଇଥିଲା। ସଂଘ ସଭାପତି ମିନତୀ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୃତ ଆଇନଜୀବୀଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଶିବ ନାରାୟଣ ସାହୁ, ଉପ ସଭାପତି ଭି. ଚନ୍ଦ୍ରଶେଖର, ଯୁଗ୍ମ ସମ୍ପାଦକ ତାପସ କୁମାର ସାହୁ, ଅକ୍ଷୟ ପଟ୍ଟନାୟକ, ସୀତାଂଶୁ ପଣ୍ଡା, ପ୍ରଦୀପ ପଟ୍ଟନାୟକ, କରୁଣାକର ପାଣିଗ୍ରାହୀ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ସୋମବାର ଦୁଇ ଘଣ୍ଟା ପାଇଁ ଓକିଲ ସଂଘ ତରଫରୁ ଜିଲା ଜଜ କୋର୍ଟ ସମେତ ସମସ୍ତ ନିମ୍ନ ଅଦାଲତ ଗୁଡିକରେ କୋର୍ଟ କାର୍ଯ୍ୟ ବନ୍ଦ ରଖାଯାଇଥିଲା।

# ସହନଶୀଳ ଜଳବାୟୁ କୃଷି ପ୍ରଣାଳୀ ଦେଖିଲେ ବିଦେଶୀ ବୈଜ୍ଞାନିକ

ବ୍ରହ୍ମପୁର,୩୧।୧୦(ସ୍ମୃତି ରଞ୍ଜନ ମହାଲିକ)

ଜଳବାୟୁ ପରିବର୍ତ୍ତନ ଯୋଗୁ ଚାଷକାର୍ଯ୍ୟ ପ୍ରଭାବିତ ହେଉଛି। ବିଶେଷକରି ଉପକୂଳ ଅଞ୍ଚଳରେ ଏହାର ପ୍ରଭାବ ଅଧିକ ଅନୁଭୂତ ହେଉଛି। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସହ ଉପକୂଳବର୍ତ୍ତୀ ଅଧିବାସୀଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ନରୱେ ସରକାର, ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଓ ବ୍ରହ୍ମପୁର କୃଷି ବିଜ୍ଞାନ କେନ୍ଦ୍ର ସହାୟତାରେ ଗଞ୍ଜାମ ଜିଲାର ୪ଟି ବ୍ଲକ ରଙ୍ଗେଇଲୁଣ୍ଡା, କୁକୁଡାଖଣ୍ଡି, ସୋରଡା ଓ ଭଞ୍ଜନଗରରେ ୨ବର୍ଷ ହେଲା ଜଳବାୟୁ ସହନଶୀଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏହାର ବୈଜ୍ଞାନିକ ଭିତ୍ତିଭୂମି ଓ ଉପଯୋଗିତା ଅନୁଧ୍ୟାନ ପାଇଁ ଜାପାନ କୋବେ ବିଶ୍ୱବିଦ୍ୟାଳୟର ଏଗ୍ରିକଲଚାରାଲ ଇଞ୍ଜିନିୟରିଂ ଆଣ୍ଡ ସୋସିଓ-ଇକୋନୋମିକସ ବିଭାଗର ପ୍ରଫେସର ଡ ଟାକାନରିନାଗାନୋ, ନରୱେ ଇନଷ୍ଟିଚ୍ୟୁଟ ଅଫ ବାୟୋଇକୋନୋମି ରିସର୍ଚ୍ଚର ନିର୍ଦ୍ଦେଶକ ଡ. ୟୁ ଏସ ନାଗୋଥୁ, ଓୟୁଏଟି ସମ୍ପ୍ରସାରଣ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ତଥା ଜଳବାୟୁ ସହନଶୀଳ ପ୍ରକଳ୍ପର ସହ ଉପନିରୀକ୍ଷକ ଡ. ହେମନ୍ତ କୁମାର ସାହୁ ରଙ୍ଗେଇଲୁଣ୍ଡା ଓ କୁକୁଡାଖଣ୍ଡି ବ୍ଲକର ଚିକରଡ଼ା, ଶାସନପଦର, ବାଘଲଟି, କୁସୁମୀ ଆଦି ଗ୍ରାମରେ ପ୍ରକଳ୍ପ ତରଫରୁ ପ୍ରଦର୍ଶିତ ବିଭିନ୍ନ କ୍ଷେତ୍ର ଅନୁଧ୍ୟାନ କରିଛନ୍ତି। ପରେ ସେମାନେ କୃଷି ବିଜ୍ଞାନ କେନ୍ଦ୍ର ପ୍ରାୟୋଜିତ, ଛତୁ ଗ୍ରାମ ରାଧାମୋହନପୁର ଗସ୍ତ କରି ଛତୁ ଚାଷର ବିଭିନ୍ନ ଦିଗ ଅନୁଧ୍ୟାନ କରିଥିଲେ। ଚାଷୀମାନଙ୍କର ଉତ୍ସାହ ଓ ପ୍ରଚେଷ୍ଟାକୁ ଦେଖି ଆଗାମୀ ଦିନରେ ଏହି ପ୍ରକଳ୍ପକୁ ଜିଲାରେ ସୁଦୂର ପ୍ରସାରି କରିବାକୁ ବୈଜ୍ଞାନିକମାନେ କହିଥିଲେ। ସୂଚନା ଯୋଗ୍ୟ, ୨୦୨୩-୨୪ ଖରିଫ ଋତୁରେ ଅଞ୍ଚଳରେ ପ୍ରାୟ ୫୦ ହେକ୍ଟର ଜମିରେ ଏହି ପ୍ରକଳ୍ପ କାର୍ଯ୍ୟକାରି ହୋଇଛି। ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଚାଷୀ ଏହି ଗବେଷଣାରେ ଭାଗିଦାର ହୋଇଛନ୍ତି ବୋଲି ବ୍ରହ୍ମପୁର କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ ସୁଜିତ କୁମାର ନାଥ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବୈଜ୍ଞାନିକ ସନ୍ଦୀପ ମହାନ୍ତି, ଡ଼ ଦେବାଶିଷ ଷଡ଼ଙ୍ଗୀ, ଡ଼ ସିଦ୍ଧାର୍ଥ ଶଙ୍କର ଦାସ, ସସ୍ମିତା ପ୍ରିୟଦର୍ଶିନୀ ଓ ପ୍ରଶାନ୍ତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।





ବିଦେଶୀ ବୈଜ୍ଞାନିକଙ୍କ ସହ ବ୍ରହ୍ମପୁର କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଓ ଅନ୍ୟମାନେ।

### ଗଞ୍ଜେଇ ଚାଲାଣ ପୂର୍ବରୁ ଧରାପଡ଼ିଲେ ଯୁବକ

ବ୍ରହ୍ମପୁର,୩୧।୧୦(ସୁବାସ ଚନ୍ଦ୍ର ପାଢ଼ୀ)-

ଅବକାରୀ (ଭ୍ରାମ୍ୟମାଣ) ଇନ୍ସପେକ୍ଟର ମନିଶା ଭୋଳଙ୍କ ନେତୃତ୍ୱରେ ଏକ ଟିମ ମଙ୍ଗଳବାର ନୂଆ ବସଷ୍ଟାଣ୍ଡ ନିକଟରୁ ଜଣେ ଯୁବକଙ୍କୁ କାବୁ କରିଛନ୍ତି। ସେ ହେଲେ ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ପାଣଗଡା ଗ୍ରାମର ଲାଜର କୁମାର ବିର(୨୩)। ତାଙ୍କର ଦୁଇଟି ଏୟାର ବ୍ୟାଗରେ ଥିବା ୨୮ କେଜି ଗଞ୍ଜେଇ ଜବତ କରାଯାଇଛି। ଯୁବକ ଜଣଙ୍କ ଗଜପତିରୁ ଗଞ୍ଜେଇ ଆଣି ବ୍ରହ୍ମପୁରରୁ ବସରେ ଭୁବନେଶ୍ୱର ଚାଲାଣ କରିଥାନ୍ତେ ବୋଲି ଟିମ ଜାଣିବାକୁ ପାଇଛି। ଯୁକ୍ତ ୩ ପାସ କରିବା ପରେ ଅର୍ଥ ଲାଳସାରେ ସେ ଏଭଳି ଅପରାଧିକ କାର୍ଯ୍ୟରେ ଲିପ୍ତ ଥିଲେ ବୋଲି ଇନ୍ସପେକ୍ଟର ଭୋଳ ସୂଚନା ଦେଇଛନ୍ତି। ମାମଲା ନମ୍ବର ୭୧/୨୩-୨୪ ରେ ତାଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି।

ପ୍ରକାଶ ଯେ, ନୂଆ ବସଷ୍ଟାଣ୍ଡରୁ ବସ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଖବର ମିଳିଥିଲା। ଅବକାରୀ ଇନ୍ସପେକ୍ଟର ଭୋଳ ଓ ତାଙ୍କ ଟିମ ନୂଆ ବସଷ୍ଟାଣ୍ଡ ନିକଟରେ ଥିବା ଏକ ହୋଟେଲ କଡ଼ରେ ଜଣେ ଯୁବକ ସନ୍ଦେହଜନକ ଭାବେ ଠିଆ ହୋଇଥିବା ଦେଖିଥିଲେ। ତାଙ୍କୁ ପଚରାଉଚରା କରିବା ସହ ସେ ଧରିଥିବା ଦୁଇଟି ବ୍ୟାଗ ଯାଞ୍ଚ କରିବାରୁ ଗଞ୍ଜେଇ ମିଳିଥିଲା।

### ପ୍ରତିଷ୍ଠା ଦିବସ ପାଳିଲା ଏଆଇଟିୟୁସି

ବ୍ରହ୍ମପୁର,୩୧।୧୦(ନରସିଂହ ସାହୁ)

ବ୍ରହ୍ମପୁରସ୍ଥ ଗଞ୍ଜାମ ଜିଲା ସିପିଆଇ କାର୍ଯ୍ୟାଳୟରେ ବାମପନ୍ଥୀ ଶ୍ରମିକ ସଂଗଠନ ଏଆଇଟିୟୁସିର ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ନ୍ୟାର୍ଯ୍ୟ ଦାବି ହାସଲ ପାଇଁ ଶ୍ରମିକ ସମାଜ ଏକଜୁଟ ହୋଇ ଲଢ଼େଇ କରିବାକୁ ଆହ୍ୱାନ ଦିଆଯାଇଛି। ଶ୍ରମିକଙ୍କ ଅଧିକାର ଛଡ଼ାଇ ନେବାକୁ ଭାଜପା ନେତୃତ୍ୱାଧିନ ଏନଡିଏ ଶାସନରେ ହୋଇଥିବା କଳାଶ୍ରମ ଆଇନ ଅବିଳମ୍ବେ ପ୍ରତ୍ୟାହାର କରାଯିବାକୁ ଦାବି ହୋଇଛି।

ମହାନଗରର ପାର୍କ ସାହି ଅଫିସ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଆଇଟିୟୁସି ଅନୁବନ୍ଧିତ ବିଭିନ୍ନ ଶ୍ରମିକ ସଂଗଠନ ନେତା ଓ କର୍ମକର୍ତ୍ତା ଯୋଗ ଦେଇଥିଲେ। ସଂଗଠନର ଲାଲ ପତାକା ବରିଷ୍ଠ କମ୍ୟୁନିଷ୍ଟ ନେତା ଦଣ୍ଡପାଣି ସାମଲ ଉତ୍ତୋଳନ କରିଥିଲେ। ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ଜିଲା ସମ୍ପାଦକ ପ୍ରକାଶ ପାତ୍ର ଯୋଗ ଦେଇଥିଲେ। ଏଆଇଟିୟୁସି ଜିଲା ସମ୍ପାଦକ ଅଳକ ନାଥ ମିଶ୍ର, ଏଆଇୱାଇଏଫ ରାଜ୍ୟ ନେତା ପ୍ରଦୀପ ସେଠୀଙ୍କ ସମେତ କାମଦେବ ନାହାକ, ଶ୍ରୀହର୍ଷ ରଥ, ରାଜୀବ ଲୋଚନ ପଣ୍ଡା, ସୁଶାନ୍ତ ସ୍ୱାଇଁ, ଦେବହରି ମହାନ୍ତି, ବାମପନ୍ଥୀ ନାରୀ ନେତ୍ରୀ ଏନ. ଭାନୁମତି ରେଡ୍ଡି ଓ ଆର. ବିଜୟଲକ୍ଷ୍ମୀ ପ୍ରମୁଖ ଉଦବୋଧନ ଦେଇଥିଲେ।



ଏଆଇଟିୟୁସି ପ୍ରତିଷ୍ଠା ଦିବସ ପାଳନ ଅବସରରେ ପତାକା ଉତ୍ତୋଳନ କରାଯାଉଛି।

### ଭାଷା ସାହିତ୍ୟ ବିଭାଗର ପାଠଚକ୍ର

**ମହାମାୟୀ ମହିଳା ମହାବିଦ୍ୟାଳୟ**

ବ୍ରହ୍ମପୁର,୩୧।୧୦(ତନୁଶ୍ରୀ ନାହାକ)

ମହାମାୟୀ ମହିଳା ମହାବିଦ୍ୟାଳୟରେ ସୋମବାର ସ୍ନାତକୋତ୍ତର ଭାଷା ସାହିତ୍ୟ ବିଭାଗର ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଆ ଭାଷା ନାଟକର ଆଙ୍ଗିକ ଓ ଆତ୍ମିକ ବୈଭବ ଶୀର୍ଷକ ଆଲୋଚନା ହୋଇଥିଲା। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ କବିତା ଶତପଥୀ ଅଧ୍ୟକ୍ଷତା କରିଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସେମିଷ୍ଟାରର ଛାତ୍ରୀମାନେ ନିଜ ନିଜ ସନ୍ଦର୍ଭ ଉପସ୍ଥାପନା କରିଥିଲେ। ବିଭାଗର ମୁଖ୍ୟ ଡ଼.ରମେଶ ଚନ୍ଦ୍ର ପ୍ରଧାନ, ଅଧ୍ୟାପିକା ଡ଼.ସୁପ୍ରଭା ପାତ୍ର, ରମାଭାରତୀ ପଣ୍ଡା ଓ ଡ଼.ସୁଜତା ତ୍ରିପାଠୀ ସନ୍ଦର୍ଭ ସମୀକ୍ଷା କରିବା ସହ ଶୀର୍ଷକ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅଧ୍ୟପିକା ଧରିତ୍ରୀ ସାହୁ ଓ ତପନ କୁମାର ମାଝୀ ସହଯୋଗ କରିଥିଲେ।

### କନ୍‌ଷ୍ଟେବଲଙ୍କ ବୟାନ ରେକର୍ଡ

#### ସୌରା ପାହାଡ଼ ଡବଲ ମର୍ଡର ମାମଲା

ବ୍ରହ୍ମପୁର,୩୧।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ପାଳଝଡ଼ି ଗ୍ରାମର ସୁଦର୍ଶନ ସୁଆର ଓ ସୁଧୀର ପାତ୍ରଙ୍କୁ ୨୦୨୨ ଏପ୍ରିଲ ୨୩ ତାରିଖରେ ସୌରା ପାହାଡ଼ ନିକଟରେ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ଉକ୍ତ ଡବଲ ମର୍ଡର ମାମଲାର ସାକ୍ଷୀ ଥିବା ପୋଲିସ କନଷ୍ଟେବଲ ରଞ୍ଜିତ ପାତ୍ର ମଙ୍ଗଳବାର ଏଡିଜେ-୩ ରାଜ କୁମାର ଦାଶଙ୍କ କୋର୍ଟରେ ହାଜର ହୋଇଥିଲେ। ୨୦୨୨ ମେ' ୩ ତାରିଖରେ ଅଭିଯୁକ୍ତଙ୍କୁ ଗିରଫ ପରେ ସେମାନେ ଘଟଣା ବେଳେ ବ୍ୟବହାର କରିଥିବା କାର୍ (ଏମଏଚ ୧୪ ଡ଼ି ଏ ୨୯୫୭), ବାଇକ୍ (ଓଡ଼ି ୦୭ଏସ ୨୧୪୩) ଓ ସ୍କୁଟି (ଓଆର ୦୭ ଡବ୍ଲ୍ୟୁ -୨୯୭୨)କୁ ପୋଲିସ ଜବତ କରିଥିଲା।ଯାହାକି କନଷ୍ଟେବଲ ରଞ୍ଜିତଙ୍କ ଉପସ୍ଥିତିରେ ଜବତ ହୋଇଥିଲା ବୋଲି ସେ ମଙ୍ଗଳବାର କୋର୍ଟରେ କହିଛନ୍ତି। ବୁଧବାର ଉକ୍ତ ମାମଲାର ଅନ୍ୟତମ ପୋଲିସ ସାକ୍ଷୀ ତଥା ଥାନା ଏସଆଇ ଏ. ସ୍ୱର୍ଣ୍ଣଲତା ପାତ୍ର କୋର୍ଟରେ ହାଜର ହୋଇ ନିଜର ବୟାନ ଦେବେ ବୋଲି ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଅତିରିକ୍ତ ପିପି ରଜତ କୁମାର ଦାଶ ସୂଚନା ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ଗତ ପଞ୍ଚାୟତ ନିର୍ବାଚନରେ ପାଳଝଡ଼ି ଗ୍ରାମର ପ୍ରଶାନ୍ତ ଗୌଡ଼ଙ୍କ ସ୍ତ୍ରୀ ପରାଜିତ ହୋଇଥିଲେ। ଗ୍ରାମର ସୁଦର୍ଶନ ଓ ସୁଧୀରଙ୍କ ବିରୋଧ ଯୋଗୁ ସ୍ତ୍ରୀ ପରାଜିତ ହେଲେ ବୋଲି ପ୍ରଶାନ୍ତ ସନ୍ଦେହ କରି ଉଭୟଙ୍କୁ ହତ୍ୟା ଯୋଜନା କରି ସେଥିରେ ସଫଳ ହୋଇଥିଲେ। ୨୦୨୨ ଏପ୍ରିଲ ୨୩ ତାରିଖରେ ସୁଦର୍ଶନ ଓ ସୁଧୀର ବାଇକରେ ନିମଖଣ୍ଡିରୁ ସୌରା ପାହାଡ ରାସ୍ତାରେ ଗ୍ରାମକୁ ଫେରିବା ବେଳେ ସେମାନଙ୍କ ସହ ସିନ୍ଧବା ଗ୍ରାମର ରବି ଚନ୍ଦ୍ର ଗୌଡ଼ ଓ ଭୀଷ୍ମଗିରିର ବିଷ୍ଣୁ ପୂଜାରୀ ମଧ୍ୟ ଅନ୍ୟ ଏକ ବାଇକରେ ଘରକୁ ଫେରୁଥିଲେ। ସୌରାପାହାଡ଼ ନିକଟରେ ସନ୍ଧ୍ୟା ସାଢ଼େ ୬ଟା ବେଳେ ସେମାନଙ୍କୁ ପ୍ରଶାନ୍ତ ଓ ତାଙ୍କ ସହଯୋଗୀମାନେ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରିଥିଲେ ବୋଲି ମୃତ ସୁଦର୍ଶନଙ୍କ ସ୍ତ୍ରୀ' ଦିଗପହଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୪୫/୨୩ ରେ ଏକ ମାମଲା ରୁଜୁ କରି ପର୍ଯ୍ୟାୟକ୍ରମେ ମୁଖ୍ୟ ଅଭିଯୁକ୍ତ ପ୍ରଶାନ୍ତଙ୍କ ସମେତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଏହି ମାମଲାରେ ମୋଟ ୪୬ ଜଣ ସାକ୍ଷୀ ରହିଛନ୍ତି।

# ରାସ୍ତାକଡ଼ ପାଲଟିଛି ପରିବା ବଜାର, ସୁରକ୍ଷା ନାହିଁ

## ଗୋଷାଣୀନୂଆଗାଁ ରାଜପଥ ବିପଦପୂର୍ଣ୍ଣ



ଗୋଷାଣୀନୂଆଗାଁ ରାଜପଥରେ ବେପାରୀମାନ ପରିବା ବିକ୍ରି କରୁଛନ୍ତି।

ବ୍ରହ୍ମପୁର,୩୦।୧୦ (ଅଶୋକ କୁମାର ସାହୁ)

ବ୍ରହ୍ମପୁର ସହରର ବିଭିନ୍ନ ସ୍ଥାନରେ ପ୍ରାୟତଃ ରାସ୍ତାକଡ଼େ ପରିବା ହାଟ ବସୁଛି। ପରିବା ବ୍ୟବସାୟୀଙ୍କୁ ସେଭଳି ନିର୍ଦ୍ଦିଷ୍ଟ ସ୍ଥାନ ମିଳୁ ନ ଥିବାରୁ ରାସ୍ତା ହିଁ ସେମାନଙ୍କ ଉପଯୁକ୍ତ ସ୍ଥଳ ପାଲଟିଛି। ସେମାନେ ବିପଦପୂର୍ଣ୍ଣ ଭାବେ ବସି ବ୍ୟବସାୟ କରୁଛନ୍ତି।

ସହରର ଇଞ୍ଜିନିୟରିଂ ସ୍କୁଲ ରୋଡ, ବୈଦ୍ୟନାଥପୁର ଥାନା ନିକଟ, ଗିରିମାର୍କେଟ ଅଞ୍ଚଳ, ଖାସ୍ପାସାହି ଛକ, ବାଲୁଙ୍କେଶ୍ୱର ମନ୍ଦିର ରୋଡ, ବିଜିପୁର ଅଞ୍ଚଳ, ଗୋଷାଣୀନୂଆଗାଁ ପ୍ରାରମ୍ଭରୁ କଦଳୀବାଡ ସାହି ପର୍ଯ୍ୟନ୍ତ ରାସ୍ତା ଏବେ ପରିବା ହବ୍ ପାଲଟିଛି। ଖାସ୍ପାସାହିଠାରୁ ବାଲୁଙ୍କେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଛାଡ଼ିଦେଲେ ବାକି ସବୁ ଅଞ୍ଚଳ ଦେଇ ରାଜପଥ ଯାଇଛି। ବିଶେଷକରି ଆମ୍ବପୁଆରୁ ଇଞ୍ଜିନିୟରିଂ ସ୍କୁଲ ଦେଇ ବିଜିପୁର, ଗୋଷାଣୀନୂଆଗାଁ ଦେଇ ଆନ୍ଧ୍ରକୁ ଲମ୍ବିଛି ଏହି ରାସ୍ତା। ଉକ୍ତ ରାଜପଥରେ ସର୍ବଦା ଜନଗହଳି ରହୁଛି। ଉକ୍ତ ରାସ୍ତାରେ ଗୋରୁ ଚଳପ୍ରଚଳ ରହିଛି। ତେବେ ରାସ୍ତା ଓସାରିଆ ନ ଥିବାରୁ ପରିବା ବେପାରୀ ଓ ଲୋକଙ୍କ ପାଇଁ ଏହା ଅସୁରକ୍ଷିତ ହୋଇପଡିଛି। ୨୭ ନଂ. ୱାର୍ଡରେ ଥିବା ଗୋଷାଣୀନୂଆଗାଁ ବ୍ରହ୍ମପୁରର ଏକ ସମ୍ବେଦନଶୀଳ ଅଞ୍ଚଳ। ଏଠାରେ ଲକ୍ଷାଧିକ ଲୋକ ବସବାସ କରୁଛନ୍ତି। ଏହି ରାସ୍ତା ଦେଇ ଅନେକ ଯାନବାହନ ଆନ୍ଧ୍ର ପଟକୁ ଯାତାୟାତ କରୁଛି। ଆନ୍ଧ୍ରରୁ ବି ବହୁ ଗାଡିମୋଟର ବ୍ରହ୍ମପୁରକୁ ଆସୁଛି। ତେଣୁ ଏହି ରାସ୍ତା ସକାଳ ୬ରୁ ରାତି ୧୦ ପର୍ଯ୍ୟନ୍ତ ଗହଳି ରହୁଛି। ଏଭଳି ବିପଦପୂର୍ଣ୍ଣ ରାସ୍ତାରେ ପ୍ରାୟ ୧୪ ଘଣ୍ଟା ପର୍ଯ୍ୟନ୍ତ ପରିବା ବ୍ୟବସାୟୀମାନେ ସେମାନଙ୍କ ପସରା ମେଲାଉଛନ୍ତି। ରଣ୍ଡା, ଖଜୁରିଆ, ଫୁଲଟା, ହଳଦିଆପଦର, ଚିକରଡା, ପଦ୍ମପୁର, ଗୋଷାଣୀନୂଆଗାଁ ଆଦି ଅଞ୍ଚଳର ବେପାରୀମାନେ ଆସି ପରିବା ବେପାର କରୁଛନ୍ତି। ଏହି ଅଞ୍ଚଳରେ ପ୍ରାୟ ୧୫୦ ପରିବା ଦୋକାନ ଥିବାବେଳେ ହୋଲସେଲ ପରିବା ଦୋକାନ ୩ଟି ରହିଛି। ଅନ୍ୟପଟେ ସ୍କୁଲ ସମୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟ ଯାତାୟାତ ଲାଗି ରହୁଛି। ପରିବା ହାଟକୁ ଲାଗି ରହିଛି ଓଭର ବ୍ରିଜ। ଏନଏଚ-୧୬ ଜାତୀୟ ରାଜପଥକୁ ଏହି ରାସ୍ତା ସଂଯୋଗ ହୋଇଥିବାରୁ ସବୁବେଳେ ଜାମ୍ ରହୁଛି। ଏପରି ସ୍ଥଳେ ସେମାନଙ୍କ ସୁରକ୍ଷା କିମ୍ବା ଲୋକଙ୍କ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ନିଜ ସୁରକ୍ଷା ପାଇଁ ନିଜେ ଦାୟୀ ନ୍ୟାୟରେ ସମସ୍ତେ ଅଭ୍ୟସ୍ତ ହୋଇଛନ୍ତି। ଆଗାମୀ ଦିନରେ ଲୋକ ସଂଖ୍ୟା ଆହୁରି ଅଧିକ ହେବ। ଯଦି ଏହାର ପ୍ରତିକାର କରା ନ ଯାଏ ତେବେ ଲୋକେ ସମ୍ପୂର୍ଣ୍ଣ ଅସୁରକ୍ଷିତ ହୋଇପଡିବେ ଏଥିରେ ସନ୍ଦେହ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

### ଏମାନଙ୍କ ମୁହଁର କଥା



ଭେଣ୍ଡିଂଜୋନ ପାଇଁ ଜାଗା ନାହିଁ। ଏ ସଂକ୍ରାନ୍ତରେ ମ୍ୟୁନିସିପାଲିଟିକୁ ଅବଗତ କରାଯାଇ ପ୍ରସ୍ତାବ ଦିଆଯାଇଛି। ଓଭର ବ୍ରିଜ ତଳକୁ ମାର୍କେଟ ଘୁଞ୍ଚାଯିବା ପାଇଁ ପ୍ରସ୍ତାବ ଥିଲା। ଏନେଇ ୨ ଥର ଟେଣ୍ଡର ହୋଇ ରଦ୍ଦ ହୋଇଛି। ସାମୟିକ ଭାବେ ଉତ୍ତରେଶ୍ୱର ମନ୍ଦିର ରୋଡକୁ ପରିବା ମାର୍କେଟ ଘୁଞ୍ଚାଇବା ପାଇଁ ପ୍ରସ୍ତାବ ଦିଆଯାଇଛି। ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ସମସ୍ତଙ୍କୁ କେତେକାଂଶରେ ସୁରକ୍ଷା ମିଳିବ।

***ନୀଳକଣ୍ଠ ସାହୁ, (କର୍ପୋରେଟର, ୨୭ ନଂ.ୱାର୍ଡ)***



ପରିବା ହାଟ ଯୋଗୁ ରାସ୍ତା ଜାମ ରହୁଛି। ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଥାନା ନିକଟ ଓଭରବ୍ରିଜ ରାସ୍ତା ବର୍ତ୍ତମାନ ଏକ ଜଙ୍କଶନରେ ପରିଣତ ହୋଇଛି। ରାସ୍ତା ବିପଦପୂର୍ଣ୍ଣ ହୋଇପଡିବାରୁ ପ୍ରତ୍ୟହ ଦୁର୍ଘଟଣା ବି ଘଟୁଛି। ବୁଲା ଗୋରୁଙ୍କ ପ୍ରାଦୁର୍ଭାବ ଅଧିକ। ସ୍କୁଲ ସମୟରେ ଛାତ୍ରୀଛାତ୍ର ବିପଦର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହି ହାଟକୁ ଓଭରବ୍ରିଜ ତଳେ ପିଣ୍ଡି କରି ସ୍ଥାପନ କଲେ ଲୋକେ ଓ ବେପାରୀ ସୁରକ୍ଷିତ ରହିବେ। ***ଟିଟୁ ପାତ୍ର (ସ୍ଥାନୀୟ ବାସିନ୍ଦା)***



ରାସ୍ତା କଡ଼ରେ ପରିବା ହାଟ ଯୋଗୁ ନିଶ୍ଚିତ ଭାବେ ଟ୍ରାଫିକ ଜାମ ରହୁଛି। ଲୋକମାନେ ବିପଦପୂର୍ଣ୍ଣ ଭାବେ କିଣାକିଣି କରୁଛନ୍ତି। ବ୍ୟବସାୟୀଙ୍କ ଜୀବନ ପ୍ରତି ମଧ୍ୟ ବିପଦ ରହୁଛି। ରାଜପଥର ପରିବା ହାଟ ରହିବା ଯୁକ୍ତିଯୁକ୍ତ ନୁହେଁ। ପ୍ରଶାସନ ଏହାର ବିକଳ୍ପ ଚିନ୍ତା କରିବା ଦରକାର। ଓଭର ବ୍ରିଜ ତଳେ ପରିବା ହାଟ କଲେ ଭଲ ହେବ।

***ଶିଶିର ପାଢ଼ୀ (ସ୍ଥାନୀୟ ବାସିନ୍ଦା)***



ପରିବା ହାଟ ଯୋଗୁ ରାସ୍ତାରେ ଗହଳି ବଢ଼ିଛି। ପିଲାମାନେ ସ୍କୁଲ ଯା'ଆସ କରିବା ବେଳେ ଅସୁବିଧା ଭୋଗୁଛନ୍ତି। ଓଭରବ୍ରିଜ ତଳକୁ ପରିବା ହାଟ ଯିବ ବୋଲି ଶୁଣାଯାଉଛି। ସେଠାକୁ ଗଲେ ଟ୍ରାଫିକ ଜାମରୁ ରକ୍ଷା ମିଳନ୍ତା।

**ସାରଙ୍ଗଧର ସାବତ (ସ୍ଥାନୀୟ ବାସିନ୍ଦା)**



ଅନ୍ୟ କେଉଁଠି ସୁବିଧା ନ ହେବାରୁ ୨ ବର୍ଷ ହେଲା ଏଠାରେ ବିପଦପୂର୍ଣ୍ଣ ଭାବେ ପରିବା ବିକୁଛୁ। ଏହା ଆମର ଜୀବିକା। ଯଦି ଏଠାରୁ ଅନ୍ୟ କେଉଁଠିକି ଘୁଞ୍ଚିଲେ ବେପାର ଯାହା ହେଉନା କାହିଁକି ସୁରକ୍ଷା ମିଳିବ।

**ତରଙ୍ଗ ଦାସ (ପରିବା ବ୍ୟବସାୟୀ, ରଣ୍ଡା)**



ଏଠାରେ ଦୀର୍ଘଦିନ ହେଲା ପରିବା ବିକୁଛୁ। କିନ୍ତୁ ରାସ୍ତାକଡେ ବିକିବା ନିଶ୍ଚିତ ଭାବେ ବିପଦପୂର୍ଣ୍ଣ। ଯଦି ପ୍ରଶାସନ ପକ୍ଷରୁ ଅନ୍ୟ କେଉଁଠିକୁ ଘୁଞ୍ଚାଯିବ ଭଲ ହେବ। ସେଠାକୁ ଯାଇ ବେପାର କରିବୁ।

**ଧଡ଼ିଆ ନାହାକ (ପରିବା ବ୍ୟବସାୟୀ, ଖଜୁରିଆ)**

